# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 June - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ସର୍ବସମ୍ମତିକ୍ରମେ ଏନ୍‌ଡିଏ ସଂସଦୀୟ ଦଳର ନେତା ନିର୍ବାଚିତ

— ଦେଶର ବିକାଶ କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ; କହିଲେ ଶ୍ରୀ ମୋଦୀ

- ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ଅପରିବର୍ତ୍ତିତ
- ଜ୍ୟୋତି ପ୍ରକାଶ ପଟ୍ଟନାୟକ ଭାରପ୍ରାପ୍ତ ଆଡ୍‌ଭୋକେଟ୍ ଜେନେରାଲ ନିଯୁକ୍ତ
- ଯୁକ୍ତଦୁଇ ପ୍ରଥମବର୍ଷ ନାମଲେଖା ପାଇଁ ଆଜିଠାରୁ ଆରମ୍ଭ ହେଲା ଆବେଦନ ପ୍ରକ୍ରିୟା

ଏବଂ

- ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ, ଯୋଗାଣ ଓ ସେବନ ପଦ୍ଧତି ସହିତ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

# ଏନ୍‌ଡିଏ ନେତା ନରେନ୍ଦ୍ର ମୋଦୀ

ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଏନ୍‌ଡିଏ ସଂସଦୀୟ ଦଳ ନେତା ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସଂସଦର କେନ୍ଦ୍ରୀୟ ହଲ୍‌ରେ ଆଜି ଏନଡିଏ ବୈଠକରେ ନରେନ୍ଦ୍ର ମୋଦୀଙ୍କୁ ନବ ନିର୍ବାଚିତ ସାଂସଦମାନେ ନେତା ରୂପେ ବାଛିଛନ୍ତି। ବୈଠକରେ ମୋଦୀଙ୍କୁ ଏନ୍‌ଡିଏର ନେତା ଭାବେ ରାଜନାଥ ସିଂହ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ନୀତିନ ଗଡ଼କରୀ, ତେଲୁଗୁ ଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତାଦଳ ୟୁନାଇଟେଡ୍ ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ଏନଡିଏର ସମସ୍ତ ସହଯୋଗୀ ଦଳ ସମର୍ଥନ କରିଥିଲେ।

ଏନ୍‌ଡିଏର ନେତା ନିର୍ବାଚିତ ହେବା ପରେ ଶ୍ରୀ ମୋଦୀ ବୈଠକକୁ ସମ୍ବୋଧିତ କରି କହିଛନ୍ତି, ଏନ୍‌ଡିଏ ହେଉଛି ଭାରତ ଆତ୍ମାର ପ୍ରତିବିମ୍ବ। ଦେଶ ଗରିବ ଲୋକଙ୍କ କଲ୍ୟାଣ ପାଇଁ ଏନ୍‌ଡିଏ ବିଗତ ୧୦ ବର୍ଷ ଧରି କାମ କରିଆସୁଛି। ଆଗାମୀ ଦିନରେ ଏନ୍‌ଡିଏ ସରକାର ଦେଶର ବିକାଶ ଲାଗି ଆହୁରି ଅନେକ ପଦକ୍ଷେପ ନେବ। ଦେଶର ବିକାଶ ଗତିରେ ଲୋକମାନଙ୍କୁ ସାମିଲ ହେବା ପାଇଁ ଶ୍ରୀ ମୋଦୀ ଆହ୍ୱାନ ଜଣାଇଛନ୍ତି। ବିରୋଧୀ ଦଳଗୁଡ଼ିକ ସହିତ ମିଶି ରାଷ୍ଟ୍ରହିତ ପାଇଁ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ ତାଙ୍କ ଭାଷଣରେ କହିଛନ୍ତି।

ଓଡ଼ିଶା ପ୍ରସଙ୍ଗରେ ଶ୍ରୀ ମୋଦୀ ତାଙ୍କ ଉଦ୍‌ବୋଧନରେ କହିଛନ୍ତି, ଓଡ଼ିଶା ଦେଶର ବିକାଶର ଇଞ୍ଜିନ୍ ପାଲଟିବ। ଶ୍ରୀ ମୋଦୀ କହିଛନ୍ତି ଆସନ୍ତା ୨୫ ବର୍ଷ ପର୍ଯ୍ୟନ୍ତ ଦେଶର ବିକାଶ କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ । ଓଡ଼ିଶାର ଫଳାଫଳ ବିକଶିତ ଭାରତର ସ୍ୱପ୍ନକୁ ନୂଆ ଗତି ଦେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଧରିତ୍ରୀ ମାଆର ସେବା କରିବା ପାଇଁ ଗଛ ଲଗାଇବାକୁ ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ, ଆଜି ପୁରୁଣା ସଂସଦ ଭବନର କେନ୍ଦ୍ରୀୟ ହଲ୍‌ରେ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଏନ୍‌ଡିଏ ସଂସଦୀୟ ଦଳର ନେତା ନିର୍ବାଚିତ ହେବା ପରେ ଶ୍ରୀ ମୋଦୀ ମେଣ୍ଟର ସହଯୋଗୀ ଦଳମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ କହିଛନ୍ତି, ସଂସଦରେ ସମସ୍ତ ଦଳର ସାଂସଦ ତାଙ୍କ ପାଇଁ ସମାନ ଏବଂ ସେମାନଙ୍କ ମଧ୍ୟରେ କୌଣସି ଭେଦଭାବ ନାହିଁ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଆର୍‌ବିଆଇ-ରେପୋରେଟ୍

ରିଜର୍ଭ ବ୍ୟାଙ୍କ ଆଜି ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ପରେ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛନ୍ତି। ରେପୋ ରେଟ୍ ପୂର୍ବ ଭଳି ୬ ଦଶମିକ ୫

ପ୍ରତିଶତ ରଖାଯାଇଛି । କ୍ରମାଗତ ଭାବେ ଅଷ୍ଟମଥର ଲାଗି ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ରେ କୌଣସି ପରିବର୍ତ୍ତନ କରିନାହାନ୍ତି । ଏହାଛଡ଼ା ସ୍ଥାୟୀ ଜମା ସୁବିଧା ଦର ୬ ଦଶମିକ ୨/୫ ପ୍ରତିଶତ ଏବଂ ଋଣ ସୁବିଧା ଦର ତଥା ବ୍ୟାଙ୍କ ଦର ୧୦ ଦଶମିକ ୭/୫ ପ୍ରତିଶତ ରଖାଯାଇଛି । ମୁଦ୍ରାନୀତି ସମୀକ୍ଷା କରୁଥିବା କମିଟି  ଚଳିତଥର ଦୁଇଜଣ ବଦଳରେ ୪ଜଣଙ୍କ ମତରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । କମିଟି ପକ୍ଷରୁ ଆର୍ଥିକ ବିକାଶକୁ ଗତିଶୀଳ କରିବା ଏବଂ ମୁଦ୍ରାସ୍ଫୀତିକୁ ସୀମିତ ରଖିବା ଉପରେ ଜୋର୍ ଦେଇଛି । ଏହି ବୈଠକ ଜୁନ୍ ୫ରୁ ଆରମ୍ଭ ହୋଇଥିଲା ।

ବୈଠକ ପରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ମୁଦ୍ରାସ୍ଫୀତି ଏବଂ ଆର୍ଥିକ ବୃଦ୍ଧି ମଧ୍ୟରେ ସନ୍ତୁଳନ ଅନୁକୂଳ ରହିଛି । ସେ କହିଛନ୍ତି ମୁଦ୍ରାନୀତି ଅନୁଯାୟୀ ମୁଦ୍ରାସ୍ଫୀତି ୪ ପ୍ରତିଶତ ମଧ୍ୟରେ ରଖାଯାଇଛି । ଆସନ୍ତା ମୌସୁମୀ ଋତୁରେ ଖାଦ୍ୟ ମୁଦ୍ରାସ୍ଫୀତି ଉପରେ କମିଟି ନଜର ରଖିଥିବା ସେ କହିଛନ୍ତି । ଚଳିତ ଆର୍ଥିକବର୍ଷ ପାଇଁ  ବିକାଶ ଦର ୭ ପ୍ରତିଶତରୁ ୭ ଦଶମିକ ୨ ପ୍ରତିଶତ କରାଯାଇଥିବା ସେ କହିଛନ୍ତି ।

## ଆଡ୍‌ଭୋକେଟ୍ ନିଯୁକ୍ତି

ହାଇକୋର୍ଟର ସରକାରୀ ଓକିଲ ଜ୍ୟୋତିପ୍ରକାଶ ପଟ୍ଟନାୟକଙ୍କୁ ଭାରପ୍ରାପ୍ତ ଆଡ୍‌ଭୋକେଟ ଜେନେରାଲ୍ ଭାବେ ନିଯୁକ୍ତି ଦିଆଯାଇଛି। ଶ୍ରୀ ପଟ୍ଟନାୟକ ପୂର୍ବ ଦାୟିତ୍ୱ ସହ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବେ।

ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ନିଜ ପଦବୀରୁ ଇସ୍ତଫା ଦେବା ପରେ ଶ୍ରୀ ପଟ୍ଟନାୟକଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଏ ନେଇ ରାଜ୍ୟ ଆଇନ୍ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ହାଇକୋର୍ଟ-ମାମଲା ଫଇସଲା

ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଗତ ୫ ମାସ ମଧ୍ୟରେ ୪୨ ହଜାର ୯୮୭ଟି ମାମଲାର ଫଇସଲା ହୋଇଛି । ୨୦୨୪ ଜାନୁୟାରୀ ପହିଲାରେ ହାଇକୋର୍ଟରେ ବିଚାରାଧିନ ମାମଲା ସଂଖ୍ୟା ୧ ଲକ୍ଷ ୪୭ ହଜାର ୨୮ ଥିଲାବେଳେ ମଇ ମାସ ୩୧ ତାରିଖ ସୁଦ୍ଧା ଏହା ୧ ଲକ୍ଷ ୪୧ ହଜାର ୫୯୬ରେ ପହଞ୍ଚିଥିଲା । ଚଳିତବର୍ଷ ଜାନୁୟାରୀରୁ ମଇ ମାସ ମଧ୍ୟରେ ମୋଟ୍ ୩୭ ହଜାର ୭୭୦ଟି ମାମଲା ଦାଏର ହୋଇଥିବାବେଳେ  ଏହି ସମୟରେ ୪୨ହଜାର ୯୮୭ଟି ମାମଲା ଫଇସଲା ହୋଇଛି ।

## ଲୋକସଭା ନିର୍ବାଚନ

ଚଳିତ ଲୋକସଭା ନିର୍ବାଚନରେ ୭ଟି ପର୍ଯ୍ୟାୟରେ ମୋଟ୍ ୬୫ ଦଶମିକ ୭/୯ ପ୍ରତିଶତ ମତଦାନ ହୋଇଛି ବୋଲି ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡିଛି । ପୁରୁଷ ଭୋଟରଙ୍କ ମତଦାନ ହାର ୬୫ ଦଶମିକ ୮/୦ ପ୍ରତିଶତ ଥିବାବେଳେ ମହିଳା ଭୋଟରଙ୍କ ମତଦାନ ହାର ୬୫ ଦଶମିକ ୭/୮ ପ୍ରତିଶତ ରହିଥିଲା । ସେହିଭଳି ତୃତୀୟଲିଙ୍ଗୀ ଭୋଟରଙ୍କ ମତଦାନ ହାର ୨୭ ଦଶମିକ ୦/୮ ପ୍ରତିଶତ ଥିବା ନିର୍ବାଚନ କମିଶନ କହିଛନ୍ତି ।

ସପ୍ତମ ପର୍ଯ୍ୟାୟରେ ଭୋଟ ଗଣନା ହୋଇଥିବା ମୋଟ୍ ୫୭ଟି ସଂସଦୀୟ ନିର୍ବାଚନମଣ୍ଡଳୀରେ ମତଦାନ ହାର ୬୩ ଦଶମିକ ୮/୮ ପ୍ରତିଶତ ରହିଥିଲା । ଲାକ୍ଷାଦ୍ୱୀପରେ ସର୍ବାଧିକ ୮୪ ଦଶମିକ ୧/୬ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିବାବେଳେ ବିହାରରେ ସର୍ବନିମ୍ନ ୫୬ ଦଶମିକ ୧/୬ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି ।

## ଯୁକ୍ତ ଦୁଇ ନାମଲେଖା ଆବେଦନ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ ପ୍ରଥମ ବର୍ଷ ନାମଲେଖା ପାଇଁ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଛାତ୍ରଛାତ୍ରୀମାନେ ସାମ୍ସ୍ ୱେବ୍‌ସାଇଟ୍‌ରେ ଆସନ୍ତାମାସ ୬ ତାରିଖ ପର୍ଯ୍ୟନ୍ତ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ବିଭାଗରେ ନାମଲେଖାପାଇଁ ଆବେଦନ କରିପାରିବେ । ସାଧାରଣବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଆବେଦନ ଫି’ ୨୦୦ ଟଙ୍କା ଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଲାଗି ୧୦୦ ଟଙ୍କା ରହିଛି । ସେହିପରି ଦିବ୍ୟାଙ୍ଗ, ତୃତୀୟଲିଙ୍ଗୀ ଓ ଅନାଥ ପିଲାମାନେ ନିଃଶୁଳ୍କ ଆବେଦନ କରିପାରିବେ । ଆସନ୍ତା ଅଗଷ୍ଟ ୧ ତାରିଖରୁ ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

## ଉତ୍‌କେଳା-ରାୟପୁର ବିମାନ ସେବା

କଳାହାଣ୍ଡି ଜିଲ୍ଲା ଉତ୍‌କେଲା ବିମାନବନ୍ଦରରୁ ରାୟପୁରକୁ ପ୍ରତ୍ୟେକ ଗୁରୁବାର ସକାଳ ସାଢ଼େ ୯ଟାରେ ବିମାନ ଚଳାଚଳ ଆରମ୍ଭ ହେବ। ଭାରତୀୟ ବିମାନବନ୍ଦର ପ୍ରାଧିକରଣ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବିମାନ ଭଡା ୨ ହଜାର ୪୮୬ ଟଙ୍କା ରଖାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ମାସରେ ରାୟପୁରରୁ ଉତ୍‌କେଲା ବିମାନବନ୍ଦର ଲୋକାର୍ପଣ ହୋଇଥିଲା।

## ଏସ୍‌ସିବି-ଡାକ୍ତର ନିଯୁକ୍ତି

କଟକସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ୍‌ରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରାଯିବ ବୋଲି ଏସ୍‌ସିବି ମେଡିକାଲ ତରଫରୁ କୁହାଯାଇଛି। ଅଧ୍ୟାପକ ଆସୋସିଏଟ୍ ପ୍ରଫେସର ଓ ସିନିୟର ରେସିଡେଣ୍ଟ ଡାକ୍ତର ଏବଂ ଅନ୍ୟାନ୍ୟ ବିଭାଗରେ ୧୬୫ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶକ୍ରମେ ଏସିବି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଶିମିଳିପାଳ ବନ୍ଦ

ଶିମିଳିପାଳ ଜାତୀୟ ଅଭୟାରଣ୍ୟ ଆସନ୍ତା ୧୨ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ବନବିଭାଗ ପକ୍ଷରୁ ଆଜି ପ୍ରକାଶ ପାଇଥିବା ସୂଚନା ଅନୁସାରେ ବର୍ଷା ଋତୁ ଆସୁଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଆଜିଠାରୁ

ଅକ୍ଟୋବର ମାସ ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ।

## ରଥଯାତ୍ରା ପ୍ରସ୍ତୁତି

ଶ୍ରୀକ୍ଷେତ୍ର ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୩ ରଥର ସିଙ୍ଗଡା ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଗତକାଲି ମୁଖ୍ୟ ବିଶ୍ୱକର୍ମା ବିନ୍ଧ ଅନୁକୂଳ କରିବା ସହ ବଡ଼ଦାଣ୍ଡରେ ରଥର ଦଣ୍ଡା ଅନୁକୂଳ ହୋଇଥିଲା। ଭୋଇ ସେବକମାନେ ୪୨ ତୁମ୍ବରେ ୬୭୨ଟି ଅର ଲଗାଇଛନ୍ତି। ସିଙ୍ଗଡା ପ୍ରସ୍ତୁତ ପରେ ରଥଖଳାର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କୁ ପଣା ଭୋଗ ଅର୍ପଣ କରାଯାଇଥିଲା। ଏସବୁ କାର୍ଯ୍ୟକୁ ରଥ ନିର୍ମାଣ ଅନୁଧ୍ୟାନ କମିଟିର ସଦସ୍ୟମାନେ ତଦାରଖ କରୁଛନ୍ତି।

## ପ୍ରସନ୍ନ କୁମାର ନନ୍ଦ

ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ପ୍ରସନ୍ନ କୁମାର ନନ୍ଦ ପ୍ରଥମ ଓଡ଼ିଆ ଭାବେ ଜାତିସଂଘ ଅନୁବନ୍ଧିତ ଅନୁଷ୍ଠାନ ୱାଇଜ୍‌ମ୍ୟାନ୍ ଇଣ୍ଟରନ୍ୟାସନାଲର ଆଂଚଳିକ ନିର୍ଦ୍ଦେଶକ ରୂପେ ନିର୍ବାଚିତ ହୋଇଛନ୍ତି। ଉତ୍ତର-ଭାରତ, ପୂର୍ବ, ଉତ୍ତର-ପୂର୍ବର ୧୭ଟି ରାଜ୍ୟଗୁଡ଼ିକୁ ନେଇ ଗଠିତ ପରିଷଦର ଆଂଚଳିକ ନିର୍ଦ୍ଦେଶକ ଭାବରେ ସେ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ।

ସୂଚନାଯୋଗ୍ୟ ଜନସାଧାରଣଙ୍କ ମଧ୍ୟରେ ଆଇନ୍ ସଚେତନତା ସୃଷ୍ଟି ଓ ଜେଲ୍ ସଂସ୍କାର କ୍ଷେତ୍ରରେ ଅବଦାନ ପାଇଁ ୨୦୦୬ ଓ ୨୦୧୦ ମସିହାରେ ଶ୍ରୀ ନନ୍ଦ ବ୍ରଦରହୁଡ୍ ଫେଲୋସିପ୍ ଅନ୍ତର୍ଜାତିୟ ପୁରସ୍କାର ପାଇଥିଲେ। ସେ ୧୯୯୬ ମସିହାରେ ରୋଟାରୀ ଇଣ୍ଟରନ୍ୟାସନାଲ ପକ୍ଷରୁ ଏସିଆର ଶ୍ରେଷ୍ଠ ରୋଟ୍ରାକ୍ଟ ଭାବେ ସମ୍ମାନିତ ହୋଇଥିଲେ।

## ଶିଶୁଯତ୍ନ-ତାଲିମ୍ କାର୍ଯ୍ୟକ୍ରମ

ନବରଙ୍ଗପୁର, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଶିଶୁ ଯତ୍ନ ପ୍ରତିଷ୍ଠାନର ପିଲାମାନଙ୍କ ପାଇଁ କ୍ୟାରିୟର କାଉନସେଲିଂ ଓ ଜୀବନ କୌଶଳ ବୃଦ୍ଧି ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ପ୍ରମୁଖ ଯୋଗଦେଇ ମାଟ୍ରିକ ଓ ଦ୍ୱାଦଶ ଶ୍ରେଣୀ ପରେ ବିଦ୍ୟାର୍ଥୀମାନେ କିପରି ନିଜ କ୍ୟାରିୟର ଗଠନ କରିବା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଥିବା ବିଭିନ୍ନ ଶିଶୁ ସୁରକ୍ଷା ୟୁନିଟର ୭୪ ଜଣ ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ଆଇଟିଏଫ୍

ଉତ୍ତରପୂର୍ବ ଜୋନାଲ୍ ଆଇଟିଏଫ୍ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶାକୁ ୩ଟି ସ୍ୱର୍ଣ୍ଣପଦକ ସହ ୨୯ଟି ପଦକ ମିଳିଛି। ନୂଆଦିଲ୍ଲୀର ତ୍ୟାଗରାଜ ଇଣ୍ଡୋର ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ୩୩ତମ ଉତ୍ତର-ପୂର୍ବ

ଜୋନାଲ୍ ଆଇଟିଏଫ୍ ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ୩ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ସହ ମୋଟ୍ ୨୯ଟି ପଦକ ପାଇ ତୃତୀୟ ରନର୍ସଅପ୍‌ର ଗୌରବ ହାସଲ କରିଛନ୍ତି। ବ୍ୟକ୍ତିଗତ ଭାବେ କୁଳଦୀପ ନାୟକ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ କ୍ଷୀରୋଦ ଚନ୍ଦ୍ର ସୁବୁଦ୍ଧି ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

## ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ, ଯୋଗାଣ ଓ ସେବନ ପଦ୍ଧତି ଜରିଆରେ ପୋଷଣ ଓ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ ପାଳନ କରାଯାଉଛି। ଚଳିତବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ଖାଦ୍ୟ ନିରାପତ୍ତା -ଅପ୍ରତ୍ୟାଶିତ ପାଇଁ ପ୍ରସ୍ତୁତ ରୁହ'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଖାଦ୍ୟପେୟରୁ ଉତ୍ପନ୍ନ ରୋଗ ଯୋଗୁଁ ପ୍ରତିବର୍ଷ ପ୍ରାୟ ୪ ଲକ୍ଷ ୨୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି। ଖାଦ୍ୟ ମାନକକୁ ବଜାୟ ରଖିବାର ଗୁରୁତ୍ୱ ଉପରେ ବିଭିନ୍ନ ସଂଗଠନ ପକ୍ଷରୁ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉଛି। ତେଣୁ ଅପମିଶ୍ରିତ ଖାଦ୍ୟଠାରୁ ଦୂରେଇ ରହିବା ଏବଂ ଏନେଇ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଭିନ୍ନ ସ୍ଥାନରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ସଂକ୍ରାନ୍ତ ବିଭିନ୍ନ କର୍ମଶାଳାମାନ ଆୟୋଜିତ ହେଉଛି ।

******************************
**